# Akashvani, Sambalpur

## SAMBALPURI NEWS EVENING BULLETIN

## 16 March 2026-7.02- 7.12 pm.

---

୧- ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ଲାଗି ସର୍‌ଲା ଭୋଟ୍ ।

- ଆଉ କିଛି ସମିଆ ଉତ୍‌ରୁ ଘୋଷ୍‌ନା ହେବା ଫଲାଫଲ୍ ।

୨- କଟକ୍ ଏସ୍‌ସିବି ମେଡ଼ିକାଲ୍ ଅଗ୍ନିକାଣ୍ଡ ଘଟ୍‌ନାଥି ତଦନ୍ତ ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

- ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀମାନେ କଲେ ଶୋକପ୍ରକାଶ୍ ।

୩- କବି ଗିରିଜା ବଲିଆର୍ ସିଂଙ୍କର୍ କବିତା ସଂକଲନ 'ପାଦ ପୂରଣ' ପାଏବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର୍ ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଘଡ୍‌ଘଡ଼ି ସହେତେ ବର୍ଷା ଅନୁମାନ୍ କଲା ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ରାଜ୍ୟସଭା ନିର୍ବାଚନ ଭୁବନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ଲାଗି ଭୋଟ୍ ଗ୍ରହଣ୍ ପ୍ରକ୍ରିୟା ଶେଷ୍ ହେଇଛେ । ଏଛେନ୍ ବିଧାନ୍‌ସଭା ପରିସର୍ ନ ଭୋଟ୍‌ଗନ୍‌ତି ଚାଲିଛେ । ଆଉ କିଛି ସମିଆ ଉତ୍‌ରୁ ଫଲାଫଲ୍ ଘୋଷ୍‌ନା କରାଯିବା । ଆଏଜ୍ ସଖାଲର୍ ୯ ବଜେନୁ ବିଧାନ୍‌ସଭାର୍ ଚଉବନ୍ ନମ୍ବର୍ କକ୍ଷ ନ ଭୋଟ୍ ଗ୍ରହଣ୍ କରାଯାଇଥିଲା । ଉପର୍‌ବେଲା ୪ ବଜେତକ୍ ମତଦାନ୍ ହେଇଥିଲା । ମତଦାନ୍ କେନ୍ଦ୍ର ନ ଭାରତର ନିର୍ବାଚନ ଆୟୋଗଙ୍କର୍ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଦାୟିତ୍ୱ ତୁଲେଇଥିଲା ବେଲ୍‌କେ ରିଟର୍ଣ୍ଣିଂ ଅଧିକାରୀ ସତ୍ୟବ୍ରତ ରାଉତ୍ ନିର୍ବାଚନ ପରିଚାଲନା କରିଥିଲେ ।

ଓଡ଼ିଶା ନ ୪ ଟା ଆସନ୍ ଲାଗି ୫ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢ଼ିଥିଲେ । ସେମାନ୍‌କର୍ ଭିତ୍‌ରୁ ବିଜେପିର୍ ମନ୍‌ମୋହନ୍ ସାମଲ୍ ଆଉ ସୁଜିତ୍ କୁମାର୍ ଆଉ ବିଜେଡ଼ିନୁ ସନ୍ତୃପ୍ତ ମିଶ୍ର, କଂଗ୍ରେସ୍-ବିଜେଡ଼ି- ସିପିଆଇଏମ୍ ସମର୍ଥିତ୍ ପ୍ରାର୍ଥୀ ଡାକ୍ତର୍ ଦତେଶ୍ୱର୍ ହୋତା ଆଉ ସ୍ୱାଧୀନ୍ ପ୍ରାର୍ଥୀ ଭାବେ ଦିଲ୍ଲୀପ୍ ରାୟ ନିର୍ବାଚନ୍ ଲଢ଼ିଛନ୍ ।

ଓଡ଼ିଶା ସହେତେ ବିହାର୍ ଆଉ ହରିଆନାର୍ ୧୧ ଟା ରାଜ୍ୟସଭା ଆସନ୍ ଲାଗି ଆଏଜ୍ ଭୋଟ୍‌ଗ୍ରହଣ୍ ହେଇଛେ । ଆଘୋନୁ ଗଲାମାସେ ୧୦ ଟା ରାଜ୍ୟର୍ ରାଜ୍ୟସଭା ଆସନ୍‌ଥି ଦ୍ୱିବାର୍ଷିକ ନିର୍ବାଚନ୍ ଲାଗି ନିର୍ବାଚନ୍ ଆୟୋଗ୍ ତର୍‌ଫୁ ବିଜ୍ଞପ୍ତି ଜାରି ହେଇଥିଲା । ସେଥିର୍‌ଭିତ୍‌ରୁ ୨୬ ଟା ଆସନ୍‌ଥି ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱଥି ନିର୍ବାଚିତ୍ ହେଇଛନ୍ ।

ଏସ୍‌ସିବି ଘଟ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର/ପି.ଆଇ.ବି.

କଟକ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍ ଟ୍ରମା କେୟାର୍ ଆଇସିୟୁ ନ ନିଆଁ ଲାଗ୍‌ବାର୍ ଘଟ୍‌ନାଥି ମୃତ୍ୟୁ ସଂଖ୍ୟା ୧୧ କେ ବଢ଼ିଛେ । ଇତାର୍‌ଛଡ଼ା ୪ ଝନ୍‌କର୍ ସ୍ୱାସ୍ଥ୍ୟବସ୍ଥା ଗୁରୁତର୍ ରହିଛେ । ଘଟ୍‌ନା ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଥିତିର୍ ଅନୁଧ୍ୟାନ୍ କରିକରି ମୃତକ୍ ମାନ୍‌କର୍ ପରିବାର୍ ଲୁକ୍‌କର୍ ଲାଗି ୨୫ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିନୁ ୨ ଲାଖ୍ ଟଙ୍କା ଲେଖା ଅନୁକମ୍ପା ସାହାଜ୍ ଘୋଷ୍‌ନା କରାଯାଇଛେ । ଆହତ୍‌ମାନ୍‌କର୍ ଲାଗି ଭିଲ୍ ୫୦ ହଜାର୍ ଟଙ୍କା

ଲେଖା ଘୋଷ୍ନା କରାଯାଇଛେ । ଘଟ୍ନାକେ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ ସିଂଙ୍କର୍ ଅଧ୍ୟକ୍ଷତାଥି ଗୁଟେ ୬ ଝନିଆ ତଦନ୍ତ କମିଟି ଗଠନ୍ କରିଛନ୍ । ଘଟ୍ନାକେ ନେଇକରି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଫୋନ୍ ଜରିଏ ସୂଚ୍ନା ଦେଇଛନ୍ । ସବୁ ପ୍ରଭାବିତ୍ ମାନ୍କର୍ ଲାଗି ନିଆଯାଇଥିବା ଜରୁରୀକାଲୀନ୍ ପଦକ୍ଷେପ୍, ସ୍ଥାନାନ୍ତର୍ ପ୍ରକ୍ରିୟା ଆଉ ସେମାନ୍କୁ ଯୁଗେଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ବାବ୍ଦେ ପ୍ରଧାନ୍ମନ୍ତ୍ରୀଙ୍କୁ ଜନେଇଛନ୍ । ଘଟ୍ନାକେ ନେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏସ୍ସିବି ଅଗ୍ନିକାଣ୍ଡ ଘଟ୍ନାକେ ନେଇକରି ଦୁଖ ପ୍ରକାଶ୍ କର୍ବାର୍ ସହେତେ ଶୋକସନ୍ତପ୍ତ ପରିବାର୍ ଲୁକ୍କୁ ସମବେଦନା ଜନେଇଛନ୍ ଆଉ ଆହତ୍ମାନ୍କର୍ ଆଶୁ ଆରୋଗ୍ୟ କାମନା କରିଛନ୍ । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଘଟ୍ନାକେ ନେଇକରି ଦୁଖ ପ୍ରକାଶ୍ କର୍ବାର୍ ସହେତେ ମୃତକମାନ୍କର୍ ପରିବାର୍ ଲୁକ୍କୁ ସମବେଦନା ଜନେଇଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟ୍ନାକେ ଅତି ଯନ୍ତ୍ରଣାଦାୟକ୍ ବଲି କହେବାର୍ ସହେତେ ଆହତ୍ମାନ୍କର୍ ତୁରନ୍ତି ଆରୋଗ୍ୟ କାମନା କରିଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍

ଶାହା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଘଟ୍‌ନାକେ ନେଇକରି ଦୁଃଖ ପ୍ରକାଶ୍ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ-ରାଜ୍ୟପାଲ୍ ସାକ୍ଷାତ୍        ପି.ଆଇ.ବି.

ନୂଆଦିଲ୍ଲୀ ସଂସଦ୍ ଭବନ୍ ପରିସର୍ ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଏଜ୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଭେଟିଛନ୍ । ଇ ଅବ୍‌ସରେ ଓଡ଼ିଶା ନ ଚାଲିଥିବା ବିକାଶ୍‌ମୂଲକ୍ କାର୍ଯ୍ୟକ୍ରମ୍, ଭିନ୍ ଭିନ୍ କ୍ଷେତ୍ରଥି ହଉଥିବା ନିରନ୍ତର୍ ପ୍ରଗତି, ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍‌ର ଦୃଷ୍ଟିକୋଣ ସହେତେ ରାଜ୍ୟର୍ ଅଭିବୃଦ୍ଧିକେ ଆହୁରି ତୁର୍‌ତି କର୍‌ବାର୍ ଲାଗି ଚାଲିଥିବା ଚେରେଷ୍ଟା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ରାଜ୍ୟପାଲ୍ ଆଲୋଚନା କରିଛନ୍ ।

ସି.ପି.ଇ.ଟି.- ଆବେଦନ୍      ଆଇ.ଆଣ୍ଡ୍.ପି.ଆର୍

ସାଧାରଣ ସ୍ନାତକୋତର ପ୍ରବେଶିକା ପରୀକ୍ଷା ସି.ପି.ଇ.ଟି. ଲାଗି ଆବେଦନ୍ ସମିଆ ଆଏବା ୧୮ ତାରିଖ୍‌ତକ୍ ବଢ଼ାଯାଇଛେ

ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଗ୍ରହୀ ଛାତ୍ରଛାତ୍ରୀମାନେ ୧୮ ତାରିଖ୍ ରାତିର୍ ୧୧ ବାଜିକରି ୪୫ ମିନିଟ୍‌ତକ୍ ସାମ୍ସ ପୋର୍ଟାଲ୍ ଜରିଏ ଫର୍ମ ପୂରଣ କରିପାର୍‌ବେ । ଆଏବା ମାସର୍ ୨୭ ତାରିଖ୍‌ନୁ ମେ ୧୦ ତାରିଖ୍‌ତକ୍ ଭିନ୍ ଭିନ୍ ସ୍ନାତକୋତର ପାଠ୍ୟକ୍ରମ ଲାଗି ସି.ପି.ଇ.ଟି. ପ୍ରବେଶିକା ପରୀକ୍ଷା ହେବା । ମାର୍କ ଆଧାର୍‌ଥି ଛାତ୍ରଛାତ୍ରୀମାନ୍‌କୁ ପାଠ୍ୟକ୍ରମ୍ ଲାଗି ବଛାଯିବା । ଇତାର୍‌ସହେତେ ଜୁଲାଇ ୧୦ ତାରିଖ୍‌ତକ୍ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟ ନ ସ୍ନାତକୋତର ପାଠ୍‌ପଢ଼ା ମୁଲ୍ କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପି.ଆଇ.ବି.

ଓଡ଼ିଶାର୍ ବିଶିଷ୍ଟ କବି ଗିରିଜା ବଲିଆର୍ ସିଂଙ୍କର୍ କବିତା ସଂକଳନ 'ପାଦ ପୂରଣ' ୨୦୨୫ ବଛର୍ ଲାଗି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର୍ ପାଏବାର୍‌କେ ମନୋନୀତ୍ ହେଇଛେ । ଇ ବାବ୍‌ଦେ ଏକାଡେମୀ ତର୍‌ଫୁ ଘୋଷ୍‌ନା କରାଯାଇଛେ । ଓଡ଼ିଆ ସହେତେ ୨୪ ଟା ଭାରତୀୟ ଭାଷା ଲାଗି ଇ

ପୁରସ୍କାର୍ ଘୋଷ୍ନା କରାଯାଇଛେ । ଆଏବା ୩୧ ତାରିଖ୍ ଦିନ ନୂଆଦିଲ୍ଲୀ ନ ଗୁଟେ ଖାସ୍ ସମାରୋହଥି ସମ୍କୁ ସମ୍ମାନିତ୍ କରାଯିବା । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କବି ବଳିଆର୍ ସିଂଙ୍କୁ ଶୁଭେଚ୍ଛା ଜନେଇଛନ୍ । ତାଙ୍କର୍ ଇ ଉପଲବ୍ଧି ଓଡ଼ିଆ ସାହିତ୍ୟକେ ଜାତୀୟସ୍ତର୍‌ନୁ ନୂଆଁ ପରିଚୟ ଆନିଦେଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜାତୀୟ ଟୀକାକରଣ ଦିବସ ଆର୍ଏନ୍ୟୁ / ସମ୍ବଲପୁର

ଉତମ ସ୍ୱାସ୍ଥ୍ୟ ଲାଗି ଟୀକାକରଣର ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ କର୍‌ବାର ଲାଗି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ଟୀକାକରଣ ଦିବସ । ୧୯୯୫ ମସିହା ମାର୍ଚ୍ଚ ୧୬ ତାରିଖ୍ ଦିନ ଭାରତ୍ ନ ପଲ୍‌ସ୍ ପୋଲିଓ ଟୀକା ଖୁଆବାର୍ ଅଭିଯାନ୍ ମୁଲ୍ କରାଯାଇଥିଲା । ଭାରତ୍‌କେ ପୋଲିଓ ମୁକ୍ତ କର୍‌ବାର୍ ଲାଗି ଇ ଅଭିଯାନ୍‌ର ଭୂମିକାକେ ସୁର୍‌ତା କର୍‌ବାର୍ ଲାଗି ଫି’ ବଛର୍ ଆଝିରର୍ ଦିନେ ଜାତୀୟ ଟୀକାକରଣ ଦିବସ ପାଳନ

କରାଯାଉଛେ । ଟୀକାକରଣ ଅଭିଯାନଥି ନିଜ୍‌କେ ଉତ୍ସର୍ଗ କରିଥିବା ବ୍ୟକ୍ତିମାନ୍‌କୁ ଆଝିର୍ ଦିନେ ସୁରତା ଦିଆଯାଏସି । ଟୀକାକରଣର ମହତ୍ ଉଦ୍ଦେଶ୍ୟକେ ଫି’ ଲୁକ୍‌କର ଠାନେ ପୁହୁଁଚାବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଉଦ୍ଦେଶ୍ୟ ଆଏ । ଇ ବଛରର୍ ବାର୍ତା ହେଉଛେ - “ମାନବିକତା ଆଧାର୍‌ଥି ସମ୍‌କର୍ ଲାଗି ଟୀକାକରଣ୍ ସମ୍ଭବ୍ ।”

ଜାତୀୟ ଟୀକାକରଣ ଦିବସ ଅବ୍‌ସରେ ବୁର୍ଲା ଭୀମ୍‌ସାର୍ ସାମାଜିକ୍ ପ୍ରତିଷେଧକ୍ ବିଭାଗ ମୁଖ୍ୟ ଡାକ୍ତର ସ୍ମିତା କୁମାରୀ ପଣ୍ଡା ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ସ୍ମିତା କୁମାରୀ ପଣ୍ଡା)

ଅଭିଯୋଗ୍ ଶୁଣାଣି

/ସମ୍ବଲପୁର/ସୁବର୍ଣ୍ଣପୁର୍/ବୌଦ୍ଧ/ଦେବ୍‌ଗଡ଼୍/ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ୩୯ ଟା ଅଭିଯୋଗ୍ ଆସିଥିଲା । ସେଥିର୍ ଭିତ୍‌ରୁ ଗୁଟେ ଅଭିଯୋଗ୍‌ର ତୁର୍‌ତି ସମାଧାନ୍ ହେଇଥିଲା । ୪ନେ ଅଭିଯୋଗ୍‌କାରୀଙ୍କୁ ରେଡ଼କ୍ରସ୍ ତର୍‌ଫୁ ୧୦ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ କୋଟ୍‌ସମଲେଇ ପଂଚାୟତ୍ ନ ହେଇଥିବା ଶୁଣାଣି ଶିବିର୍‌ଥି ୮୧ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ନ ହେଇଥିବା ଜନଶୁଣାଣି ଶିବିରଥି ୭୪ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୨୧ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ଦନ୍ତାରୀବାହାଲ୍ ପଂଚାୟତ୍ ପରିସର୍ ନ ହେଇଥିବା ଶିବିର୍‌ଥି ୫୭ ଟା ଅଭିଯୋଗ୍ ଆସିଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମ୍ମିଲନୀ ପରିସର୍ ନ ଜନଶୁଣାଣି ଶିବିର୍ ହେଇଯାଇଛେ । ଜନଶୁଣାଣି ଶିବିର ଅବ୍‌ସରେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଜିଲ୍ଲା ନ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ୍‌ର ନେତୃତ୍ୱ ନେଉଥିବା ରାଧେଶ୍ୟାମ୍ ଶତ୍‌ପଥୀଙ୍କୁ ସ୍ୱଚ୍ଛତା ମିତ୍ର ଭାବେ ସମ୍ମାନିତ୍ କରିଛନ୍ ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ

ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍

କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ଆଇସିଡିଏସ୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲା ସମାଜ୍ ମଙ୍ଗଲ୍ ବିଭାଗ୍ ତର୍‌ଫୁ ବ୍ଲକ୍‌ସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଅବ୍‌ସରେ ଅତିଥିମାନେ ମହିଲା ଆଉ ଶିଶୁ ସୁରକ୍ଷା ଆଇନ୍ ବାବ୍‌ଦେ ବୁଝେଇଥିଲେ ।

ମୌଳିକା ସାକ୍ଷରତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ୍-ଉଲ୍ଲାସ୍ ଜରିଏ ବୌଦ୍ଧ ଜିଲ୍ଲାର୍ ସବୁ ବ୍ଲକ୍ ନ ମୌଳିକା ସାକ୍ଷରତା ଆଉ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ହେଇଯାଇଛେ । ପରୀକ୍ଷା

ଲାଗି ୧୫ ନୁ ଅଏତ୍କା ବୟସର୍ ୬ ହଜାର୍ ୭ ଶହ ୬୫ ଝନ୍ ନବସାକ୍ଷରଙ୍କୁ ଉଲ୍ଲାସ୍ ପୋର୍ଟାଲ୍‌ଥି ପଞ୍ଜିକରଣ୍ କରାଯାଇଥିଲା । ଜିଲ୍ଲାର୍ ୬ ଶହ ନୁ ଅଏତ୍କା ପରୀକ୍ଷା କେନ୍ଦ୍ର ନ ୬ ହଜାର୍ ୫ ଶହ ୧୬ ଝନ୍ ପରୀକ୍ଷା ଦେଇଥିଲେ ।

ସୁଭଦ୍ରା ଶକ୍ତିମେଳା       ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଚାଲିଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା-୨୦୨୬ ଥି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ସମ୍ବଲ୍‌ପୁରୀ ଫେସନ୍ ସୋ’ର ଆୟୋଜନ୍ କରାଯାଇଥିଲା । ନୂଆପଡ଼ା ନେସ୍‌ନାଲ୍ କଲେଜ୍ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ଆସିଥିବା ମହିଳା ଉଦ୍ୟୋଗୀମାନେ ନିଜର୍ ହାତ୍ ତିଆରି ଦରବ୍ ବିକ୍ରିବଟା କରୁଛନ୍ ।

ରାଜସ୍ୱ ସମୀକ୍ଷା ବୈଠକ       ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଳ୍

କବୀନ୍ଦ୍ର କୁମାର୍ ସାହୁ ଅଧ୍ୟକ୍ଷତା କରିକରି ଜିଲ୍ଲା ନ ଫେବୃଆରୀ ମାସେ ଧାରିଜ୍ ଭୂ-ରାଜସ୍ୱ, ରୟାଲ୍‌ଟି, ଜଳକର, ବସୁନ୍ଧରା, ଶିକ୍ଷାନୁଷ୍ଠାନ୍ ପଟ୍ଟା ବାବଦ୍ ଭିନ୍ ଭିନ୍ ବିଷେଥି ଆଲୋଚନା କରିଛନ୍ । ଇ ଅବ୍‌ସରେ ଜିଲ୍ଲାସ୍ତରର୍ ଆଉ ରାଜସ୍ୱ ବିଭାଗ୍‌ର ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ହେଇଯାଇଛେ । ଆଏବା ୨୦ ତାରିଖ୍‌ତକ୍ କେତେଟା ଜାଗା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଦେଖ୍‌ବାର୍‌କେ ମିଲ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସହେତେ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।